ପ୍ରେସ୍ ନୋଟ୍

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ।

ଅନୁଗୋଳ,ତା.୨୫.୦୪: ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ମିଶନ ନିର୍ଦ୍ଦେଶକ ଡା. ତ୍ରିଲୋଚନ ପ୍ରଧାନ ଏହି ବୈଠକରେ ଅଧ୍ୟକ୍ଷତା କରି ମ୍ୟାଲେରିଆରୁ ସୁରକ୍ଷିତ ରହିବାର ଉପାୟ ଓ ଏହାର ଲକ୍ଷଣ, ଚିକିତ୍ସା ଓ ପ୍ରତିକାର ଉପରେ ବିଶଦ ଭାବରେ ଆଲୋଚନା କରିଥିଲେ । ଭାରତୀୟ ଭେଷଜ ପରିଷଦର ଓଡିଶା ଶାଖା ସଭାପତି ଡା.ପ୍ରଭାତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମ୍ୟାଲେରିଆକୁ ପ୍ରତିରୋଧ କରିବା ପାଇଁ ସମର୍ପିତ ଭାବରେ ସମସ୍ତେ ସହଯୋଗ କରିବା ପାଇଁ ନିବେଦନ କରିଥିଲେ । ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦଗାତା ପାୱାର ପଏଣ୍ଟ ମାଧ୍ୟମରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇବା ସହିତ ଅନୁଗୋଳ ଜିଲ୍ଲା ମ୍ୟାଲେରିଆ ନିୟନ୍ତ୍ରଣ କରିବାରେ ଷଷ୍ଠ ସ୍ଥାନରେ ଅଛି ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମ୍ୟାଲେରିଆ ମୂଳୋତ୍ପାଟନ କରିବା ପାଇଁ ୨୦୨୭ ମସିହାକୁ ଲକ୍ଷ ରଖି କାର୍ଯ୍ୟ କରୁଛି ବୋଲି ପ୍ରକାଶ କରିଥିଲେ । ତୃଣମୂଳ ସ୍ତରରୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆଶା କର୍ମୀମାନେ ସଚେତନତା ସୃଷ୍ଟି କରିବା ସହିତ ଔଷଧ ପ୍ରଦାନ କରୁଛନ୍ତି ସେହିପରି ଦୁର୍ଗମ ଅଂଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଛି । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଦିଲ୍ଲିପ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଡା. ବିଶ୍ୱଜିତ୍ ସାମଲ, ଡା.ଦେବକାନ୍ତ ନାୟକ,ଡା. ବିନୋଦ କୁମାର ସାହୁ, ଶ୍ରୀ ଦିପକ କୁମାର ମହାନ୍ତି ବିଶ୍ୱ ମ୍ୟାଲେରିଆ ଦିବସର ତାତ୍ପର୍ଯ୍ୟ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭି ବି ଡି କନସଲ୍‌ଟାଣ୍ଟ ନିରୁପମା ଦାସ ସଂଯୋଜନା କରିଥିଲେ । ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଶ୍ରୀ ଭରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା-୩୧୩ ତା.୨୫.୦୪.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

25/4/2023

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
2023.04.25 12:49


NATIONAL HEALTH MISSION
ବିଶ୍ୱ ମ୍ୟାଲେରିଆ ଦିବସ
- ୨୫ ଏପ୍ରିଲ୍ ୨୦୨୩ -
ସମୟ ଆସିଛି; ସୟଳ, ଶ୍ରମ ଓ ଅଭିନବ ପନ୍ଥା ଦ୍ୱାରା ବିଶ୍ୱକୁ ମ୍ୟାଲେରିଆ ମୁକ୍ତ କରିବା
ଆପଣ ଜାଣନ୍ତି କି ?
ମାଈ ଆନୋଫିଲିସ୍ ମଶା ମ୍ୟାଲେରିଆ କୀଟାଣୁର ବାହକ।
ମ୍ୟାଲେରିଆର ଲକ୍ଷଣ :
ଚିକିତ୍ସା ଓ ପ୍ରତିକାର :
ପ୍ରତିଦିନ ମଶାରୀ ଟାଣି ଶୁଅନ୍ତୁ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
OPPO Reno7 5G
2023.04.25 10:01


ଚିକିତ୍ସା ଓ ପ୍ରତିକାର :
କଲ୍ୟାଣ ବିଭାଗ
ସମିତି, ଅନୁଗୋଳ
OPPO Reno7 5G
2023.04.25 09:21


ବିଶ୍ୱ ମ୍ୟାଲେରିଆ ଦିବସ
ଆପଣ ଜାଣନ୍ତି କି ?
OPPO Reno7 5G
2023.04.25 09:14


OPPO Reno7 5G
2023.04.25 09:14


OPPO Reno7 5G
2023.04.25 09:18


OPPO Reno7 5G